# NATIONAL NEWS BULLETIN (ODIA)
## 24th October - 2025
## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ସ୍ୱପ୍ନ ପୂରଣ କରିବା ଲାଗି ସମାଜର ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କର ସକ୍ରିୟ ଅଂଶଗ୍ରହଣ ଉପରେ ରାଷ୍ଟ୍ରପତିଙ୍କ ଗୁରୁତ୍ୱାରୋପ ।

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆସନ୍ତା ରବିବାର ଦିନ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।

- ଅପରେସନ୍ ସିନ୍ଦୂର ହେଉଛି ଦେଶର ସାମରିକ ଶକ୍ତି, ସାହସ ଏବଂ ଧୈର୍ଯ୍ୟର ପ୍ରତୀକ; କହିଲେ ପ୍ରତିରକ୍ଷା ମନ୍ତ୍ରୀ ।

- ଟିକସ ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ, ନ୍ୟାୟସଙ୍ଗତ ଏବଂ ଅଭିବୃଦ୍ଧିଭିତ୍ତିକ କରିବା ଦିଗରେ ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଅର୍ଥମନ୍ତ୍ରୀଙ୍କ ମତବ୍ୟକ୍ତ ।

ଏବଂ

- ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ତୃତୀୟ ତଥା ଚୂଡ଼ାନ୍ତ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଆସନ୍ତାକାଲି ଖେଳାଯିବ ସିଡ୍‌ନୀରେ ।

## ପ୍ରେସିଡେଣ୍ଟ - ଓ୍ୱିମେନ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ' ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ସ୍ୱପ୍ନ ପୂରଣ କରିବା ଲାଗି ସମାଜର ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କର ସକ୍ରିୟ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଆଜି କେରଳର ଏର୍ଣ୍ଣାକୁଲମ୍‌ସ୍ଥିତ ସେଣ୍ଟ ଥେରେସାସ୍ ମହାବିଦ୍ୟାଳୟର ଶତବାର୍ଷିକୀ ସମାରୋହକୁ ଉଦ୍‌ଘାଟନ କରି ସେ ଏହା କହିଛନ୍ତି । ଶ୍ରୀମତୀ ମୁର୍ମୁ କହିଛନ୍ତି, ମହିଳା ନେତୃତ୍ୱାଧୀନ ସମାଜ ମାନବୀୟ ମୂଲ୍ୟବୋଧ ଆଧାରରେ ପରିଚାଳିତ ହେବା ସହ ଅଧିକ ପ୍ରଭାବଶାଳୀ ମଧ୍ୟ ହୋଇଥାଏ । ଦେଶ ନିର୍ମାଣ ଏବଂ ସାମାଜିକ ଅର୍ଥନୈତିକ ସଂସ୍କାର ଦିଗରେ କେରଳର ମହିଳାମାନଙ୍କର ଉଲ୍ଲେଖନୀୟ ଅବଦାନ ଉପରେ ରାଷ୍ଟ୍ରପତି ଏହି ଅବସରରେ ଆଲୋକପାତ କରିଛନ୍ତି । ଗତ ବହୁ ଦଶନ୍ଧି ଧରି ମହିଳାମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରିବା ସହିତ ସଶକ୍ତ କରିବା ଦିଗରେ ବିଭିନ୍ନ ଅନୁଷ୍ଠାନର ପ୍ରଚେଷ୍ଟାକୁ ସେ

ପ୍ରଶଂସା କରିଛନ୍ତି । ଏହି ଉଦ୍‌ଘାଟନୀ ସମାରୋହରେ ରାଷ୍ଟ୍ରପତି ମହାବିଦ୍ୟାଳୟର ଶତବାର୍ଷିକୀ ଲୋଗୋ ଉନ୍ମୋଚନ କରିଛନ୍ତି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୬ ତାରିଖ  ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୨୭ତମ ସଂସ୍କରଣ । ଏଥିପାଇଁ ଜନସାଧାରଣ ଆଜିସୁଦ୍ଧା ନିଜର ମତାମତ ଦେବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov  ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । ସେମାନେ ମଧ୍ୟ 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ  ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍

ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

## ରାଜନାଥ - ଆର୍ମି କମାଣ୍ଡର୍ସ

ଅପରେସନ୍ ସିନ୍ଦୂର ହେଉଛି ଦେଶର ସାମରିକ ଶକ୍ତି, ସାହସ ଏବଂ ଧୈର୍ଯ୍ୟର ପ୍ରତୀକ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ଆଜି ରାଜସ୍ଥାନର ଜୟସାଲ୍‌ମର୍‌ଠାରେ ସେନା କମାଣ୍ଡର୍‌ମାନଙ୍କ ସମ୍ମିଳନୀରେ ଅଧ୍ୟକ୍ଷତା କରି ସେ ଏହା କହିଛନ୍ତି । ସେ କହିଛନ୍ତି, ଏହି ଅବସରେସନ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇ ନାହିଁ । ଯେପର୍ଯ୍ୟନ୍ତ ଜଣେ ବି ସନ୍ତ୍ରାସବାଦୀ ଜୀବିତ ରହିଥିବ, ସେପର୍ଯ୍ୟନ୍ତ ଏହି ମିଶନ ଜାରି ରହିବ ।

ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ଦେଶର ସାମ୍ପ୍ରତିକ ସୁରକ୍ଷା ପରିସ୍ଥିତି ସମୀକ୍ଷା କରିବା ସହିତ ସେନାର କାର୍ଯ୍ୟଶୈଳୀ ଏବଂ କ୍ଷମତାକୁ ଅଧିକ ସଶକ୍ତ କରିବା ଦିଗରେ ବିଭିନ୍ନ ରଣନୀତି ଉପରେ ଆଲୋଚନା କରିଛନ୍ତି । ପ୍ରତିରକ୍ଷା କୂଟନୀତି, ଭିତ୍ତିଭୂମି, ସେନାକୁ ଅଧିକ ସଶକ୍ତ କରିବା ଲାଗି ଏହାର ଆଧୁନିକୀକରଣ, ଆତ୍ମନିର୍ଭରତା ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ପ୍ରତିରକ୍ଷା ମନ୍ତ୍ରୀ ସେନା କମାଣ୍ଡର୍‌ମାନଙ୍କୁ ପରାମର୍ଶ ଦେଇଛନ୍ତି । ଭବିଷ୍ୟତରେ ଯୁଦ୍ଧ ଲାଗି ପ୍ରସ୍ତୁତିକୁ ସର୍ବୋଚ୍ଚ ସ୍ତରରେ ବଜାୟ ରଖିବା ଲାଗି ଅତ୍ୟାଧୁନିକ

ବୈଷୟିକ ଜ୍ଞାନକୌଶଳ, ଭିତ୍ତିଭୂମି ଏବଂ ସହାୟତା ପ୍ରଦାନ ଲାଗି ସରକାର ପ୍ରତିଶ୍ରୁତି ବଦ୍ଧ ବୋଲି ଶ୍ରୀ ସିଂହ କହିଛନ୍ତି ।

ଏହି ବୈଠକରେ ପ୍ରତିରକ୍ଷା ମୁଖ୍ୟ ଜେନେରାଲ୍ ଅନିଲ୍ ଚୌହାନ୍ଙ୍କ ସମେତ ବହୁ ବରିଷ୍ଠ ସେନା ଅଧିକାରୀମାନେ ଉପସ୍ଥିତ ରହି ଦେଶର ପ୍ରତିରକ୍ଷା କ୍ଷେତ୍ରକୁ ଅଧିକ ସୁସଂହତ କରିବା ଦିଗରେ ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଛନ୍ତି । ଏହି ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ’ ସୈନିକ ଏବଂ ସେମାନଙ୍କର ପରିବାରବର୍ଗଙ୍କୁ ସହଯୋଗ କରିବା ଉଦ୍ଦେଶ୍ୟରେ ନମନ୍ କେନ୍ଦ୍ର, ସୈନିକ ଯାତ୍ରୀ ମିତ୍ର ଆପ୍ ଏବଂ ଉପକରଣ ହେଲ୍ଲାଇନ୍ ଆପ୍ର ଶୁଭାରମ୍ଭ କରିଛନ୍ତି । ବୈଠକ ପୂର୍ବରୁ ଶ୍ରୀ ସିଂହ ସ୍ଥାନୀୟ ତନୋତ ମାତା ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ମନ୍ଦିର ପରିସରରେ ଥିବା ୧୯୬୫ ମସିହାର ଭାରତ-ପାକିସ୍ତାନ ଯୁଦ୍ଧ ସମୟର ଅଫୁଟା ବୋମାଗୁଡ଼ିକର ନିରୀକ୍ଷଣ କରିଛନ୍ତି ।

## ନିର୍ମଳା - ଜି.ଏସ୍.ଟି.

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଟିକସ ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ, ନ୍ୟାୟସଙ୍ଗତ ଏବଂ ଅଭିବୃଦ୍ଧିଭିତ୍ତିକ କରିବା ଦିଗରେ ପରବର୍ତ୍ତୀ ପିଢ଼ି ବସ୍ତୁ ଓ ସେବାକର - ଜି.ଏସ୍.ଟି. ସଂସ୍କାରର ଗୁରୁତ୍ୱପୂର୍ଣ୍ଣ ଭୂମିକା

ରହିଛି । ଏକ ପ୍ରଭାବଶାଳୀ କର ବ୍ୟବସ୍ଥା ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିଥାଏ । ଆଜି ଗାଜିଆବାଦଠାରେ କେନ୍ଦ୍ରୀୟ ଜି.ଏସ୍.ଟି. ଭବନର ଉଦ୍‌ଘାଟନ କରିବା ଅବସରରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଅର୍ଥମନ୍ତ୍ରୀ କହିଛନ୍ତି, ସଚ୍ଚୋଟ କରଦାତାମାନଙ୍କ ଜୀବନଶୈଳୀକୁ ଅଧିକ ସରଳ କରିବା ଦିଗରେ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ । ଜି.ଏସ୍.ଟି. ପରିଷଦ ଜି.ଏସ୍.ଟି. ପଞ୍ଜୀକରଣ ପ୍ରକ୍ରିୟାକୁ ସରଳୀକୃତ କରିବାଦ୍ୱାରା ଏହା ଅଧିକ ସ୍ୱଚ୍ଛ ହୋଇପାରିଛି । ଆସନ୍ତାମାସ ୧ ତାରିଖରୁ ଏହି ସରଳୀକୃତ ଜି.ଏସ୍.ଟି. ପଞ୍ଜିକୃତ ଯୋଜନା ଦେଶବ୍ୟାପୀ କାର୍ଯ୍ୟକାରୀ ହେବ ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି ।

## ପି.ଏମ୍. - ଆସିଆନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ରବିବାର ଦିନ ୨୨ତମ ଆସିଆନ୍ – ଭାରତ ସମ୍ମିଳନୀରେ ଆଭାସୀ ମାଧ୍ୟମରେ ଯୋଗଦେବେ । ମାଲେସିଆର ପ୍ରଧାନମନ୍ତ୍ରୀ ଅନୱାର୍ ଇବ୍ରାହିମ୍‌ଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ଏହି କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ମାଲେସିଆ ଆସିଆନ୍‌ର ଅଧ୍ୟକ୍ଷତା କରୁଥିବାରୁ ଏହାର ସଫଳତା ଲାଗି ସେ ଅନୱାର୍ ଇବ୍ରାହିମ୍‌ଙ୍କୁ

ଶୁଭେଚ୍ଛା ଜଣାଇଛନ୍ତି । ଆସିଆନ୍-ଭାରତ ରଣନୈତିକ ଭାଗିଦାରୀ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲାଗି ଦ୍ୱିପକ୍ଷିୟ ପ୍ରତିବଦ୍ଧତାକୁ ମଧ୍ୟ ଶ୍ରୀ ମୋଦୀ ସୁନିଶ୍ଚିତ କରିଛନ୍ତି ।

ଅନ୍ୟପକ୍ଷରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆସନ୍ତା ୨୭ ତାରିଖରେ କ୍ୱାଲାଲମ୍ପୁର ଠାରେ ହେବାକୁ ଥିବା ବିଂଶତମ ଇଷ୍ଟ ଏସିଆ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିନିଧିତ୍ୱ କରିବେ ।

## ଗୋୟଲ୍ - ବର୍ଲିନ୍

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ୍ ଜର୍ମାନୀର ବର୍ଲିନ୍‌ଠାରେ ଅନୁଷ୍ଠିତ ବର୍ଲିନ୍ ବିଶ୍ୱ ସମ୍ମିଳନୀର ତୃତୀୟ ସଂସ୍କରଣରେ ଆଜି ଅଂଶଗ୍ରହଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଗୋୟଲ୍ କହିଛନ୍ତି, ଦୀର୍ଘସୂତ୍ରୀ ଏବଂ ଆପୋଷ ଅଭିବୃଦ୍ଧି ଦୃଷ୍ଟିକୋଣ ଅନୁଯାୟୀ ଭାରତ ବାଣିଜ୍ୟ ଭାଗିଦାରୀ ଜାରି ରଖିବ । ବିଶ୍ୱର ପ୍ରତିଷ୍ଠିତ କମ୍ପାନୀଗୁଡ଼ିକ ଭାରତରେ ବ୍ୟବସାୟ କରିବା ଲାଗି ଅପାର ସୁଯୋଗ ରହିଛି ବୋଲି ଶ୍ରୀ ଗୋୟଲ୍ ମତବ୍ୟକ୍ତ କରିଛନ୍ତି । ଭାରତରେ ବ୍ୟବସାୟ କରିବା ଲାଗି ସରକାର ସମର୍ଥିତ ବ୍ୟବସ୍ଥିତ ନୀତି, ନବସୃଜନତା ଏବଂ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ପ୍ରଦାନ ଭଳି ସୁବିଧା ଲାଗି ବିଶ୍ୱର ବିଭିନ୍ନ ଦେଶରୁ ନିବେଶକମାନେ ଏଠାରେ

ପୁଞ୍ଜିନିବେଶ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ସେ କହିଛନ୍ତି । ଏହି ଅବସରରେ ବର୍ଲିନଠାରେ ବ୍ୟାବସାୟିକ ନେତୃବୃନ୍ଦ ଗୋଲ୍‌ଟେବୁଲ୍‌ରେ ସେ ଜର୍ମାନୀର ବିଭିନ୍ନ ଅଗ୍ରଣୀ କମ୍ପାନୀଗୁଡ଼ିକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ।

## ଶୋଭା - ଆତ୍ମନିର୍ଭର

ତୈଳବୀଜ, ଡାଲି ଏବଂ ରେଶମ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭର ହେବା ଉପରେ କେନ୍ଦ୍ର ଏମ୍.ଏସ୍.ଏମ୍.ଇ., ଶ୍ରମ ଏବଂ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ ଗୁରୁତ୍ୱାରୋପ କରିଛନ୍ତି । ଆଜି ବେଙ୍ଗାଲୁରୁଠାରେ ଜାତୀୟ ରେଶମପୋକ ସଙ୍ଗଠନର ଶତବାର୍ଷିକୀ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀମତୀ କରନ୍ଦଲାଜେ ଏହି ଅବସରରେ ଚାଷୀ, ବୈଜ୍ଞାନିକ ତଥା ଉଦ୍ୟୋଗୀମାନଙ୍କୁ ଏ କ୍ଷେତ୍ରରେ ଆଗେଇ ଆସିବା ଲାଗି ଆହ୍ୱାନ ଦେଇଛନ୍ତି । ଚାଉଳ, ଦୁଗ୍ଧ, ପନିପରିବା ଓ ଫଳ ଆଦି ଉତ୍ପାଦନ କ୍ଷେତ୍ରରେ ଭାରତ ଆତ୍ମନିର୍ଭର ହୋଇସାରିଛି । ତେବେ ରେଶମଜାତୀୟ ଦ୍ରବ୍ୟରେ ଅନୁରୂପ ସ୍ଥିତି ହାସଲ କରିବା ସହିତ ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଚାଷୀ ତଥା ଉଦ୍ୟୋଗୀମାନଙ୍କର ଆୟ ଦୁଇଗୁଣା କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।

## ବି.ଏସ୍.ଏଫ୍. - ନ୍ୟାସନାଲ୍ ୟୁନିଟି ଡେ

ଚଳିତ ବର୍ଷର ଜାତୀୟ ଏକତା ଦିବସକୁ ଏକ ଭବ୍ୟ ତଥା ସମାବେଶୀ ସମାରୋହରେ ପାଳନ କରାଯିବ ବୋଲି ସୀମା ସୁରକ୍ଷା ବାହିନୀର ମହାନିର୍ଦ୍ଦେଶକ ଦଲଜିତ୍ ସିଂହ ଚୌଧୁରୀ କହିଛନ୍ତି । ଆସନ୍ତା ୩୧ ତାରିଖ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ଜନ୍ମଦିବସ ଅବସରରେ ଦେଶବ୍ୟାପୀ ପାଳନ ହେବାକୁ ଥିବା ରାଷ୍ଟ୍ରୀୟ ଏକତା ଦିବସ-୨୦୨୫ ସମାରୋହ ଉପଲକ୍ଷେ ଆଜି ନୂଆଦିଲ୍ଲୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଶ୍ରୀ ଚୌଧୁରୀ କହିଛନ୍ତି, "ଏକତା ମଧ୍ୟରେ ବିବିଧତା, ସୁସଙ୍ଗତ ଏବଂ ଦେଶ ନିର୍ମାଣ ଭାବନା" ହେଉଛି ଚଳିତ ବର୍ଷର ବିଷୟବସ୍ତୁ । ଚଳିତ ବର୍ଷର ସମାରୋହ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ୧୫୦ତମ ଜନ୍ମବାର୍ଷିକୀ ଉତ୍ସବ ସହିତ ପାଳନ କରାଯିବ ବୋଲି ସେ କହିଛନ୍ତି ।

***Voice (Daljit Singh)*** :……

## ରାଇସ୍ କନ୍‌ଫରେନ୍ସ

ଭାରତ ଆନ୍ତର୍ଜାତିକ ଚାଉଳ ସମ୍ମିଳନୀ-୨୦୨୫ ଆସନ୍ତା ୩୦ ତାରିଖ ଦିନ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ ହେବ । ଆଜି

ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କୁ ଏ ସମ୍ପର୍କିତ ସୂଚନା ଦେଇ ଆପେଡ଼ାର ଅଧ୍ୟକ୍ଷ ଅଭିଷେକ ଦେବ କହିଛନ୍ତି, ଏହି ଦୁଇଦିନିଆ ସମ୍ମିଳନୀରେ ଫିଲିପାଇନ୍ସ, ଘାନା, ନାମିବିୟା ଓ ଗାମ୍ବିୟାର ବୈଦେଶିକ ମନ୍ତ୍ରୀମାନେ ଅଂଶଗ୍ରହଣ କରିବେ । ଭାରତ ବର୍ତ୍ତମାନ ବିଶ୍ୱର ସର୍ବବୃହତ୍ ଚାଉଳ ଉତ୍ପାଦନକାରୀ ଏବଂ ରପ୍ତାନୀକାରୀ ଦେଶ । ଭାରତ ୧୭୨ରୁ ଊର୍ଦ୍ଧ୍ୱ ରାଷ୍ଟ୍ରକୁ ଚାଉଳ ରପ୍ତାନୀ କରୁଛି । ବୈଶ୍ୱିକ ଖାଦ୍ୟ ଯୋଗାଣ ଶୃଙ୍ଖଳରେ ନିଜର ଉପସ୍ଥିତିକୁ ସୁଦୃଢ଼ କରିବା ଦିଗରେ ଏକ୍ଷେତ୍ରରେ କାର୍ଯ୍ୟ କରୁଥିବା ପକ୍ଷମାନଙ୍କୁ ଏହି ସମ୍ମିଳନୀ ସୁଯୋଗ ପ୍ରଦାନ କରିବ । ବିଶ୍ୱ ଚାଉଳ ବ୍ୟବସାୟ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ନିରନ୍ତର ତଥା ପ୍ରଭାବଶାଳୀ କରି ଗଢ଼ିତୋଳିବା ଦିଗରେ ଏହି ସମ୍ମିଳନୀରେ ଚାଉଳ ଉତ୍ପାଦନକାରୀ, ରପ୍ତାନୀକାରୀ, ଆମଦାନୀକାରୀ, ପରିବହନକାରୀ, ନୀତି ନିର୍ଦ୍ଧାରକ, ଗବେଷଣା ପ୍ରତିଷ୍ଠାନ ସମେତ ଏକ୍ଷେତ୍ରରେ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଏହି ସମ୍ମିଳନୀରେ ଏକତ୍ରିତ ହୋଇ ନୀତି ନିର୍ଦ୍ଧାର କରିବେ ବୋଲି ଶ୍ରୀ ଦେବ କହିଛନ୍ତି ।

## କ୍ରିକେଟ୍

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ତୃତୀୟ ତଥା ଚୂଡ଼ାନ୍ତ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଆସନ୍ତାକାଲି ସିଡ୍‌ନୀରେ ଖେଳାଯିବ । ଏହି

ମ୍ୟାଚ୍ ଭାରତୀୟ ସମୟ ସକାଳ ୯ଟାରେ ଆରମ୍ଭ ହେବ । ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚ୍ ଜିତି ଅଷ୍ଟ୍ରେଲିଆ ୨-୦ରେ ସିରିଜ୍ ଅଗ୍ରଣୀ ରହିଛି ।

*****